# କେନ୍ଦୁଝରः ଜିଲ୍ଲାସ୍ତରୀୟ ଆର୍ନ୍ତଜାତୀୟ ଭିନ୍ନକ୍ଷମ ଦିବସ ପାଳିତ : ଦେଶକୁ ଆଗେଇ ନେବାରେ ଭିନ୍ନକ୍ଷମମାନଙ୍କର ଗରୁତ୍ୱପୂର୍ଣ୍ଣ ଭୂମିକା ରହିଛି – ଜିଲ୍ଲାପାଳ




କେନ୍ଦୁଝର, ୩.୧୨.  ଦେଶକୁ ତଥା ଜାତିକୁ ଆଗେଇ ନେବାରେ ଭିନ୍ନକ୍ଷମମାନଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଜିଲ୍ଲାପାଳ ଆଶିଷ ଠାକରେ ମତବ୍ୟକ୍ତ କରିଛନ୍ତି । ଚଳିତ ଡିସେମ୍ବର ୩ ତାରିଖ ସୋମବାର ଦିନ ଆର୍ନ୍ତଜାତୀୟ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ନଗରଭବନଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ଏହି ମତବ୍ୟକ୍ତ କରିବା ସହ ଦୃଢ ମାନସିକତା, ଇଚ୍ଛାଶକ୍ତି ଓ ନିଷ୍ଠା ବଜାୟ ରଖିଲେ ଭିନ୍ନକ୍ଷମମାନେ ସଫଳତାର ଶୀର୍ଷରେ ପହଂଚିପାରିବେ ବୋଲି କହିଥିଲେ । ଭିନ୍ନକ୍ଷମମାନଙ୍କୁ ଶୁଭେଚ୍ଛା ଜଣାଇ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଉଦ୍‌ବୋଧନ ଛଳରେ ଜିଲ୍ଲାପାଳ କହିଥିଲେ ଯେ ଭିନ୍ନକ୍ଷମମାନେ ମଧ ସକ୍ଷମ ଓ ସମର୍ଥ । ସେମାନେ ବହୁତ କିଛି କରିପାରିବେ । ସେମାନଙ୍କ ମଧ୍ୟରେ ଭରପୁର ପ୍ରତିଭା ରହିଛି । ସେ ପ୍ରତିଭାକୁ ଚିହ୍ନଟ କରି ତାହାର ବିକାଶ କରିବା ଦାୟିତ୍ୱ ନିଭାଇବାକୁ ଶିକ୍ଷକ ସମାଜ ଓ ଅଭିଭାବକମାନଙ୍କୁ ଆହ୍ୱାନ ଜଣାଇଥିଲେ । ଏଣୁ ସେମାନଙ୍କୁ ହତାଦର ନ କରି ସେମାନଙ୍କ ପ୍ରତି ସକରାତ୍ମକ ମନୋଭାବ ରଖି ସେମାନଙ୍କର ଯତ୍ନ ଆଦର କଲେ ସେମାନେ ଭବିଷ୍ୟତରେ ବଡମଣିଷ ହୋଇପାରିବେ । ଭିନ୍ନକ୍ଷମମାନେ ନିଜର ପ୍ରତିଭା ବଳରେ ବିଭିନ୍ନ କ୍ଷେତ୍ରରେ ନିଜର ପ୍ରତିଷ୍ଠା ପ୍ରତିପାଦନ କରି ଅନେକ ଯଶଗୌରବର ଅଧିକାରୀ ହୋଇପାରିଛନ୍ତି । ଏଣୁ ଦୃଢ ମନୋବଳ ଓ ଆତ୍ମବିଶ୍ୱାସ ରଖିଲେ ସେମାନେ ସବୁ କ୍ଷେତ୍ରରେ ସଫଳତା ପାଇପାରିବେ ଏବଂ ସମାଜ ତଥା ଦେଶର ଗୌରବ ବର୍ଦ୍ଧନ କରିପାରିବେ । ଭିନ୍ନକ୍ଷମମାନଙ୍କର କଲ୍ୟାଣ ଓ ବିକାଶ ପାଇଁ ସରକାର ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରିଛନ୍ତି । ଏହାର ସୁଫଳ ସେମାନେ କିପରି ପାଇ ପାରିବେ ସେଥିପ୍ରତି ସମସ୍ତଙ୍କର କର୍ତବ୍ୟ ରହିଛି ବୋଲି ଜିଲ୍ଲାପାଳ ଶ୍ରୀ ଠାକରେ କହିଥିଲେ । ସମାରୋହର ଦ୍ୱିତୀୟ ପର୍ଯ୍ୟାୟରେ ଅତିରିକ୍ତ ଜିଲ୍ଲାପାଳ ଡଃ ଭକ୍ତଚରଣ ପ୍ରଧାନ ଯୋଗଦେଇ ନିଜ ବାର୍ତାରେ କହିଥିଲେ ଯେ ଭିନ୍ନକ୍ଷମମାନେ ନିଜ ମନରୁ ନିରାଶା, ହତାଶା ଭାବ ଓ ହିନମନ୍ୟତା ତ୍ୟାଗ କରି ସ୍ୱାଭିମାନ ଓ ଆତ୍ମମର୍ଯ୍ୟାଦାର ସହ ବଂଚିବା ସହିତ ସମାଜ ପାଇଁ କିଛି ଭଲ କାମ କରିବା ନିମନ୍ତେ ସଂକଳ୍ପ ନେବାକୁ ଆହ୍ୱାନ ଜଣାଇଥିଲେ । ଏହି ସମାରୋହରେ କେନ୍ଦୁଝର ଉପଜିଲ୍ଲାପାଳ ସୋମନାଥ ପ୍ରଧାନ, ଡେପୁଟି କଲେକ୍ଟର ରାମଚନ୍ଦ୍ର କିସ୍କୁ, କେନ୍ଦୁଝର ବିଡିଓ ଆଦିକନ୍ଦ ବେହେରା, ସର୍ବ ଶିକ୍ଷା ଅଭିଯାନର ଆଇ.ଇ.ଡି. କର୍ଡିନେଟର ପୀତବାସ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିବା ସହ ଭିନ୍ନକ୍ଷମମାନଙ୍କୁ ଉତ୍ସାହିତ କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଜୟକୃଷ୍ଣ ବାରିକ ଜିଲ୍ଲାସ୍ତରୀୟ ଆର୍ନ୍ତଜାତୀୟ ଭିନ୍ନକ୍ଷମ ଦିବସ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିବା ସହ ସମାରୋହର ସଂଯୋଜନା କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟର କର୍ମଚାରୀ ସୁମନ ରଣାଙ୍କ ସମେତ ଅନ୍ୟ କର୍ମଚାରୀମାନେ ସମାରୋହ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ । ଏହି ସମାରୋହରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିବାବେଳେ ଦୁଇଜଣ ଭିନ୍ନକ୍ଷମକୁ ଟ୍ରାଇ ସାଇକେଲ୍ ଏବଂ ଦୁଇ ଜଣଙ୍କୁ ହୁଇଲ୍ ଚେୟାର ପ୍ରଦାନ କରାଯାଇଥିଲା ।

ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ, କେନ୍ଦୁଝର